## ସଂକ୍ଷେପରେ

### ଚିହ୍ନଟ ଜମିରେ ସ୍ୱାସ୍ଥ୍ୟକେନ୍ଦ୍ର କାମ ଆରମ୍ଭ ନିର୍ଦ୍ଦେଶ

ଟିକିରି, ୧।୬(ଡି.ଏନ୍.ଏ.)- କାଶୀପୁର ବ୍ଲକ ଟିକିରିସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଛି। ଚିହ୍ନଟ ଜମିକୁ ଜିଲାପାଳ ସରୋଜ କୁମାର ମିଶ୍ର, ତହସିଲଦାର ଏସ୍.ଶବର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ତୁରନ୍ତ ସେଠାରେ ନିର୍ମାଣ କାମ ଆରମ୍ଭ କରିବାକୁ ଉପସ୍ଥିତ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ କାଶୀପୁର ବିଡିଓ ବଳରାମ ପାତ୍ର, ବିଜେଡି ନେତା ହରପ୍ରସାଦ ନାୟକ, ବିନୋଦ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ତଳେ ଆଇପାଡ୍ ସଂସ୍ଥାର ଅନୁଦାନରେ ନିର୍ମିତ ପୁରୁଣା କୋଠାରେ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳିତ ହେଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ମିତ ପିଏଚ୍‌ସିର ନୂତନ କୋଠାରେ ଅତ୍ୟାଧୁନିକ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ଚିହ୍ନଟ ହୋଇଥିବା ନୂତନ ଜମିରେ କେତେଜଣ ଆଦିବାସୀ ବସବାସ କରୁଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଚିହ୍ନଟ ହୋଇଥିବା ଜମିରେ ତାରବାଡ଼ ଘେରାଯାଇ ପ୍ରବେଶ ନିଷେଧ ବୋଲି ଫଳକ ଲଗାଯାଇଛି। ସେଠାରେ ବସବାସ କରୁଥିବା ଆଦିବାସୀଙ୍କୁ ଅନ୍ୟତ୍ର ଥଇଥାନ କରିବାକୁ ଦାବି ହେଉଛି।

### ମଦ ଗଚ୍ଛିତ ରଖି ଜଣେ ଗିରଫ

ମାଲକାନଗିରି,୧।୬(ଡି.ଏନ.ଏ.)- ବିଦେଶୀ ମଦ ଗଚ୍ଛିତ ରଖିଥିବା ଅଭିଯୋଗରେ ମଙ୍ଗଳବାର ମାଲକାନଗିରି ଟାଉନ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ତାଙ୍କ ନାମ କେ.ମୁରଲୀ। ବସ୍‌ଷ୍ଟାଣ୍ଡ ନିକଟରେ ସେ ମ୍ୟାକ୍ ଡୁଏଲ୍ସ ୪୨ ଲିଟର , କିଙ୍ଗ୍ ଫିସର ବିୟର ୮୯ ବୋତଲ, ଗୋଲ୍ଡ ଫର ସଟ୍ ୧୬ ବୋତଲ , ସପେଡ୍ ୧୨ ବୋତଲ , ରୟାଲ ଷ୍ଟାଗ୍ ୨୦ ବୋତଲ ଗଚ୍ଛିତ ରଖିଥିଲେ। ଏନେଇ ସୂଚନା ପାଇ ପୋଲିସ ଚଢ଼ାଉ କରି ଜବତ କରିଥିଲା ବୋଲି ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି। କେସ୍ ନଂ ୧୯୦/୨୧ରେ ଏକ ମାମଲା ରୁଜୁ ହୋଇଛି।

### ରାସ୍ତାକଡ଼ରେ ପଡ଼ିଛି ବ୍ୟବହୃତ ପିପିଇ କିଟ୍, ଗ୍ଲୋଭ୍ସ

କୋରାପୁଟ,୧।୬(ସ୍ୱ.ପ୍ର.)-କୋରାପୁଟ ସହର ଉପକଣ୍ଠ କୁମ୍ଭା ରାସ୍ତାକଡ଼ ନାଳରେ ବ୍ୟବହୃତ ବହୁ ପିପିଇ କିଟ୍ ଓ ଗ୍ଲୋଭ୍ସ ଆଦି ସାମଗ୍ରୀ ପଡ଼ିଥିବା ଦେଖିବାକୁ ମିଳିଛି। ଏନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବାଟମଙ୍ଗଳା ମନ୍ଦିର ଛକରୁ କୁମ୍ଭା ଆଡ଼କୁ ଯାଇଥିବା ରାସ୍ତାରେ ପ୍ରାତଃ ଭ୍ରମଣରେ ବାହାରିଥିବା ଜଣେ ବ୍ୟକ୍ତି କିରୋସିନ ଡିପୋ ନିକଟରେ ରାସ୍ତାକଡ଼ରେ ଏଗୁଡ଼ିକ ପଡ଼ିଥିବା ଦେଖିବାକୁ ପାଇଥିଲେ। ପୌର ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟଙ୍କୁ ଏ ବିଷୟରେ ପଚାରିବାରୁ ସେ ଜାଣି ନ ଥିବା ପ୍ରକାଶ କରି ଏହା ତୁରନ୍ତ ସଫା କରାଯିବ ବୋଲି କହିଥିଲେ ।

# ଦକ୍ଷତା ତାଲିମ ପ୍ରମାଣପତ୍ର, ସହାୟତା ରାଶି ଦିଆଯାଉ

ରାୟଗଡ଼ା ଅଫିସ, ୧।୬

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ପକ୍ଷରୁ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦାବି କରାଯାଇଛି। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶ୍ରମମନ୍ତ୍ରୀ, ଶ୍ରମ କମିଶନର ଓ ଅଧ୍ୟକ୍ଷ କଲ୍ୟାଣ ବୋର୍ଡଙ୍କ ଉଦ୍ଦେଶ୍ୟରେ ଜିଲା ଶ୍ରମ ଅଧିକାରୀ ଯସ୍ମିନ ପ୍ରୀୟଦର୍ଶନୀ ସାହୁଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

କରୋନା ସମୟରେ ନିର୍ମାଣ ଶ୍ରମିକ ଓ ଅଣସଂଗଠିତ ଶ୍ରମିକଙ୍କୁ ୫ହଜାର ଟଙ୍କା ଲେଖାଏ ପ୍ରଦାନ, ନିର୍ମାଣ ଶ୍ରମିକଙ୍କ ପାଇଁ ଆସିଥିବା ୧୫୦୦ ଟଙ୍କା ଏପର୍ଯ୍ୟନ୍ତ ଅନେକଙ୍କୁ ମିଳିନାହିଁ। ସେମାନଙ୍କୁ ଚିହ୍ନଟକରି ଟଙ୍କା ପ୍ରଦାନ, ଜିଲା ଶ୍ରମ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ, ନିର୍ମାଣ ଶ୍ରମିକମାନଙ୍କର ସହାୟତା ରାଶି ଯଥା ସାଇକେଲ ଯନ୍ତ୍ରପାତି, ସେଫ୍ଟି କିଟ୍, ବିବାହ, ମୃତ୍ୟୁକାଳୀନ, ପ୍ରସବକାଳୀନ ଚିକିତ୍ସା, ଶିକ୍ଷା ସହାୟତା, ଘର ତିଆରି ସମ୍ବନ୍ଧୀୟ ଆବେଦନପତ୍ରଗୁଡ଼ିକ ଯାଞ୍ଚ କରାଯାଇ ସେ ସବୁ ପ୍ରଦାନ, ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତ ରାଶି ପ୍ରଦାନ, ଦକ୍ଷତା ବୃଦ୍ଧି ତାଲିମ ପ୍ରମାଣପତ୍ର ପ୍ରଦାନ ସହ ୧୫ ଦିନର ପ୍ରାପ୍ୟ ୩ ହଜାର ଟଙ୍କା ତୁରନ୍ତ ଦେବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ବ୍ଲକ କାର୍ଯ୍ୟାଳୟରେ ଶ୍ରମ କାର୍ଯ୍ୟାଳୟ ଖୋଲି ଶ୍ରମ ଅଧିକାରୀଙ୍କୁ ନିଯୁକ୍ତି ଦେବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ମଜଦୁର ସଂଘ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ ରାଜ୍ୟ ସଭାପତି ଅରନ କୁମାର ଲେଙ୍କା, ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ଖଗେଶ୍ୱର ସିଂହ, କୋଠାବାଡ଼ି ନିମାଣ ସଂଘ ଜିଲା ସଭାପତି ଧନଞ୍ଜୟ କଣ୍ଡାବଂଶ, ସମ୍ପାଦକ ସୁନ୍ଦର ରାଓ କାଡ଼ାକା, ବିଶ୍ୱକର୍ମା ମଜଦୁର ସଂଘର ଜିଲା ସଭାପତି ଦୁର୍ଗାମାଧବ ଘୋଷ, ସମ୍ପାଦକ ସନ୍ତୋଷ ପଟ୍ଟନାୟକ ଉପସ୍ଥିତ ଥିଲେ।


ଶ୍ରମ ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

# ନବରଙ୍ଗପୁରର ସୌନ୍ଦର୍ଯ୍ୟ ବଢ଼ାଉଛି ପାର୍କ


ସହର ମଧ୍ୟଭାଗରେ ଥିବା ମଧୁସୂଦନ ପାର୍କ।

ନବରଙ୍ଗପୁର,୧।୬ (ବି.ପ୍ର.)

ନବରଙ୍ଗପୁର ସହର ମଧ୍ୟଭାଗ ଦେଇ ୨୬ ନମ୍ବର ଜାତୀୟ ରାଜପଥ ଯାଇଛି। ରାସ୍ତା ପାର୍ଶ୍ୱରେ ବିଭିନ୍ନ ଛକଗୁଡ଼ିକରେ ପୂର୍ବରୁ ରହି ଆସିଥିବା ବିଭିନ୍ନ ପାର୍କର ସୌନ୍ଦର୍ଯ୍ୟକରଣ କାମ ପୌରସଂସ୍ଥା ହାତକୁ ନେଇଛି। କେତେକ ପାର୍କ ପରିସର ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ସ୍ଥାନୀୟ ଲୋକ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉନ୍ନତି ସହ ସୌନ୍ଦର୍ଯ୍ୟକରଣ ପାଇଁ ପୂର୍ବରୁ ଦାବି ହେଉଥିଲା। ବିଶେଷକରି ଜଗନ୍ନାଥ ମନ୍ଦିର ଏବଂ ମା' ଭଣ୍ଡାରଘରଣୀ ମନ୍ଦିରର ପାର୍ଶ୍ୱବର୍ତ୍ତୀ ଅଂଚଳ ସହରର କେନ୍ଦ୍ରବିନ୍ଦୁ। ଉକ୍ତ ସ୍ଥାନରେ ରହିଥିବା ମଧୁସୂଦନ ପାର୍କର ଉନ୍ନତି ଏବଂ ସୌନ୍ଦର୍ଯ୍ୟକରଣ ଲାଗି ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯାଇଛି। ସେଠାରେ ଏକ ଫାଉଣ୍ଟେନ ଦୁଇଟି ପକ୍ଷୀର ମୂର୍ତ୍ତି, ଲୋକେ ବସିବା ପାଇଁ ଚେୟାରର ବ୍ୟବସ୍ଥା କରାଯାଇଛି। ଏହା ନବରଙ୍ଗପୁର ସହରର ମଧ୍ୟଭାଗରେ ଥିବା ଛକ ଏବଂ ପାର୍କର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଛି। ଏହି ସମସ୍ତ ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଦେବାଶିଷ ପ୍ରହରାଜ ପ୍ରମୁଖ ତଦାରଖ କରିଥିଲେ।

# ଉତ୍କଳ ହସ୍ପିଟାଲରେ ଖୋଲିଲା ୫୦ ଶଯ୍ୟା ବିଶିଷ୍ଟ ସିସିସି

ଟିକିରି (ଡି.ଏନ୍.ଏ.)/
ରାୟଗଡା ଅଫିସ,୧।୬

ୟୁଏଆଇଏଲ୍ ପକ୍ଷରୁ ୫୦ ଶଯ୍ୟା ବିଶିଷ୍ଟ ଏକ କୋଭିଡ୍ କେୟାର ସେଣ୍ଟର(ସିସିସି) ସ୍ଥାପନ କରାଯାଇଛି। ସେଠାରେ ଭେଣ୍ଟିଲେଟର ସହ ଅକ୍ସିଜେନ ଯୋଗାଣ ବ୍ୟବସ୍ଥା ରହିଛି। ଏହାକୁ ମଙ୍ଗଳବାର ଲୋକାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର, ସିଡିଏମ୍ଓ ଆର୍ତ୍ତବନ୍ଧୁ ନାଏକ, ୟୁଏଆଇଏଲ୍ ୟୁନିଟ ମୁଖ୍ୟ ମଜହର ବେଗ୍, ରାୟଗଡ଼ା ଡିପିଏମ୍ ଏନ୍.ଏଚ୍.ଏମ୍. ରାଜେଶ ନାୟକ ଉପସ୍ଥିତ ଥିଲେ। ଆମେ ସଙ୍କଟ ସମୟରେ ଅଧିକ ଯତ୍ନଶୀଳ ରହିବା ବୋଲି ୟୁନିଟ୍ ହେଡ୍ ମଜହର ବେଗ୍ କହିଛନ୍ତି। ଆଦିତ୍ୟ ବିର୍ଲା ଗ୍ରୁପର ହିଣ୍ଡାଲ କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏକ ୟୁନିଟ ଉତ୍କଳ ଆଲୁମିନା କୋଭିଡ୍-୧୯ ମହାମାରୀ ଭଳି ଅନିଶ୍ଚିତତା ସମୟରେ ସମାଜରେ ଥିବା ଲୋକଙ୍କ ପାଇଁ ସର୍ବଦା କାର୍ଯ୍ୟ କରିଆସିଛି ବୋଲି କମ୍ପାନୀ ଅଧିକାରୀମାନେ କହିଥିଲେ। କାର୍ଯ୍ୟକ୍ରମରେ ଏଚ୍ଆର୍ ୟୁନିଟ୍ ମୁଖ୍ୟ ରାକେଶ ପ୍ରତାପ ସିଂ, ୟୁଏଲ୍ଆଇର ଡ. ଅରିନ୍ଦମ ରାୟ ଚୌଧୁରୀ, ସିଏମ୍ଓ ଲୋପାମୁଦ୍ରା ପ୍ରିୟଦର୍ଶନୀଙ୍କ ସମେତ ୟୁଏଲ୍ଆଇର ଅଧିକାରୀମାନେ ଉପସ୍ଥିତ ଥିଲେ। ଉଦ୍‌ଘାଟନ ପରେ ଅତିଥିମାନେ ଔଷଧ ଚାରା ରୋପଣ କରିଥିଲେ।


ଜିଲାପାଳ ସିସିସି ଉଦ୍‌ଘାଟନ କରୁଛନ୍ତି।

## କୋରାପୁଟ: ୨୫୫ କରୋନା ପଜିଟିଭ ଚିହ୍ନଟ:

କୋରାପୁଟ,୧।୬(ସ୍ୱ.ପ୍ର.)–
କୋରାପୁଟ ଜିଲାରେ ମଙ୍ଗଳବାର ୨୫୫ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୧୫୨୫୨ରେ ପହଞ୍ଚିଛି । ଚିହ୍ନଟଙ୍କ ମଧ୍ୟରେ କୋରାପୁଟ ଜିଲା ଜୟପୁର ପୌରାଞ୍ଚଳରୁ ୪୪ ଜଣ ଥିବାବେଳେ କୋରାପୁଟ ପୌରାଞ୍ଚଳରୁ ୨୧, ସୁନାବେଡା ପୌରାଞ୍ଚଳରୁ ୧୫ ଓ କୋଟପାଡ ଏନଏସି ଅଞ୍ଚଳରୁ ୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଜିଲାର ବନ୍ଧୁଗାଁ ରୁ ୬,ବୋରିଗୁମ୍ମାରୁ ୨୩, ବୈପାରିଗୁଡାରୁ ୧୧, ଦଶମନ୍ତପୁର ବ୍ଲକରୁ ୬, ଜୟପୁରରୁ ୧୯, କୋରାପୁଟରୁ ୧୪ , କୋଟପାଡ ବ୍ଲକରୁ ୧୧, କୁନ୍ଦୁରାରୁ ୧୩, ଲମତାପୁଟରୁ ୩୪, ଲକ୍ଷ୍ମୀପୁର ବ୍ଲକରୁ ୪, ନନ୍ଦପୁରରୁ ୪, ନାରାୟଣପାଟଣାରୁ ୯, ପଟ୍ଟାଙ୍ଗି ରୁ ୮ ଓ ସେମିଳିଗୁଡା ବ୍ଲକ ଅଞ୍ଚଳରୁ ୧୧ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ତହସିଲଦାରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା


କାର୍ଯ୍ୟକ୍ରମରେ ବିଡିଓଙ୍କ ସମେତ ଅନ୍ୟମାନେ ।

ଚନ୍ଦାହାଣ୍ଡି, ୧।୬(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ତହସିଲଦାର ହୃଦାନନ୍ଦ ସିଂ ମାଝିଙ୍କୁ ତହସିଲ କର୍ମଚାରୀଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ବିଡିଓ ଧର୍ମରାଜ ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଚନ୍ଦାହାଣ୍ଡି ଥାନାଧିକାରୀ ପରମାନନ୍ଦ ସୁନାନୀ, ନୂତନ ତହସିଲଦାର ବାବୁଲାଲ ସାମଲ, ଆଇନଜୀବୀ ମହମ୍ମଦ ହୁସେନ, କ୍ଷେମରାଜ ବାଘ, ଜୟଦେବ ଖମାରି, ହୁମେଶ୍ୱର ହଂସ ପ୍ରମୁଖ ଯୋଗଦେଇଥିଲେ। ତହସିଲ କର୍ମଚାରୀଙ୍କ ପକ୍ଷରୁ ମାଝିଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ତାଙ୍କର ଅବସର ଜୀବନ ସୁଖମୟ ହେଉ ବୋଲି ସମସ୍ତେ କାମନା କରିଥିଲେ। ରାଜସ୍ୱ ନିରୀକ୍ଷକ ପି. ଉଦୟ କୁମାର, ରୂପେନ୍ଦ୍ର ନାଗେଶ, ଗଣପତି ମାଳୀ, ବୁଲୁ ପ୍ରଧାନ, ଅନନ୍ତ ସିହ୍ନା, ରଣଦେବ ମଣ୍ଡଳ, ଲାଲୁ ବାଘ, ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷା ପାଇଁ ଏକ ସ୍ୱତନ୍ତ୍ର ଟିଭି ଚାନେଲ ଖୋଲାଯାଉ

ମୁନିଗୁଡ଼ା,୧।୬(ଡି.ଏନ୍.ଏ.)

**ଅଖିଳ ଭାରତ ଛାତ୍ରସଂଘ ପକ୍ଷରୁ ଶିକ୍ଷା ସମ୍ପର୍କିତ ଦାବି ନେଇ ପ୍ରତିବାଦ**

ରାୟଗଡ଼ା ଜିଲା ଅଖିଳ ଭାରତ ଛାତ୍ରସଂଘ ସଭାପତି ମେଘମାଳା କରକରିଆ ଓ ସମ୍ପାଦକ କବିତା ପଲକିଆଙ୍କ ମିଳିତ ନିର୍ଦ୍ଦେଶକ୍ରମେ ରାୟଗଡା ଜିଲା ମୁନିଗୁଡା ବ୍ଲକର କରଡାବନ୍ଧ, ଅମ୍ବାଦଳା, ଭୁରସିଖୁମା, ଭାଲିଆପଦର, ଗଡିଗୁଡା ଆଦି ଗ୍ରାମରେ ଶିକ୍ଷା ସମ୍ପର୍କିତ ବିଭିନ୍ନ ଦାବିକୁ ନେଇ ପ୍ରତିବାଦ କରାଯାଇଛି। ସମସ୍ତଙ୍କୁ ମାଗଣାରେ ଲାପ୍‌ଟପ, ଆସନ୍ତା ଶିକ୍ଷାବର୍ଷର ସମସ୍ତ ଖର୍ଚ୍ଚ ସରକାର ବହନ କରନ୍ତୁ, ଡିଜିଟାଲ ପାଠାଗାର, କେରଳ ଭଳି ଓଡିଶା ସରକାର ଶିକ୍ଷା ପାଇଁ ଏକ ସ୍ୱତନ୍ତ୍ର ଟିଭି ଚ୍ୟାନେଲ ପ୍ରସ୍ତୁତ କରନ୍ତୁ, ଇଣ୍ଟରନେଟ ଓ ପାଠ୍ୟ ଉପକରଣ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ଦେବାକୁ ଦାବି ହୋଇଛି। ଉକ୍ତ କାର୍ଯ୍ୟକ୍ରମକୁ କମିଟିର ବଳରାମ କୁସୁଲିଆ, କୃପାସିନ୍ଧୁ କୁସୁଲିଆ, ଘାସିରାମ ବାଘ, ସୁଶାନ୍ତ ଟାକ୍ରି, ସୁହାନା, କୁସୁଲିଆ, ନେହା କରକରିଆ, ରୋଜ ଟାକ୍ରି, ରତ୍ନା ସୁନା, ସୋମ୍ୟ ବାଘ ପ୍ରମୁଖ ପରିଚାଳନା କରିଥିଲେ।


ପିଲାମାନେ ପ୍ଲାକାର୍ଡ ଧରି ପ୍ରତିବାଦ ଜଣାଉଛନ୍ତି।

## ଗଙ୍ଗାପଡ଼ାରେ ୧୨ ଜ୍ୱରରେ ଆକ୍ରାନ୍ତ

କୋରୁକୋଣ୍ଡା, ୧।୬(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁ ଗ୍ରାମପଞ୍ଚାୟତର ବିଚ୍ଛିନ୍ନାଞ୍ଚଳ ଗଙ୍ଗାପଡ଼ା ଗ୍ରାମରେ ଶନିବାର ୧୨ ଜଣରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ପଞ୍ଚାୟତ ସଦର ମହକୁମାରୁ ୩୫ କି.ମି. ଦୂରରେ ଥିବା ଏହି ଗ୍ରାମକୁ ରାସ୍ତାଘାଟ ନାହିଁ। ତେବେ ଏ ସମ୍ପର୍କରେ ସୂଚନା ପାଇ ରବିବାର କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଗ୍ରାମକୁ ଯାଇ ଲୋକମାନଙ୍କଠାରୁ ନମୁନା ସଂଗ୍ରହ କରିବା ସହ ସେମାନଙ୍କ କୋଭିଡ୍ ପରୀକ୍ଷା କରିଥିଲେ। ଗ୍ରାମରେ ୧୨ ଜଣଙ୍କ ରକ୍ତନମୁନା ପରୀକ୍ଷା କରାଯାଇଥିଲା। ସେଥିରୁ ୫ଜଣଙ୍କ ମ୍ୟାଲେରିଆ ପଜିଟିଭ ବାହାରିଥିଲା ବୋଲି ଡାକ୍ତର ରଜନୀ ଦାସ କହିଛନ୍ତି।

# ୩ ଅସହାୟଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ଥଇଥାନ

ନବରଙ୍ଗପୁର,୧।୬(ବି.ପ୍ର.)

ଅନ୍ୟତ୍ର ଛାଡ଼ି ଚାଲିଗଲେ ବାପା। ଏବେ ଆରପାରିରେ ମା'। ସେମାନଙ୍କ ୩ ଛୋଟଛୋଟ ପିଲାଙ୍କୁ ମଙ୍ଗଳବାର ଚାଇଲ୍ଡ ଲାଇନ ପକ୍ଷରୁ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି)ରେ ହାଜର କରାଯାଇଥିଲା। କମିଟି ସମସ୍ତ ପରିସ୍ଥିତିକୁ ଅନୁଧ୍ୟାନ ଓ କାଉସେଲିଂ କରିବା ପରେ ପିଲାମାନଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ଥଇଥାନ କରାଇବାକୁ ନିର୍ଦ୍ଦେଶ ଦେଇଛି। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦିବାକର ବାହୁକ, ସଭ୍ୟ ପ୍ରସନ୍ନ ପ୍ରସାଦ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଚାଇଲ୍ଡ ଲାଇନ୍ ଜିଲା ସଂଯୋଜକ ରବୀନ୍ଦ୍ର ପଧାନ, ସଭ୍ୟ ଟଙ୍କ ଜାନୀ , ଶିଶୁ ମଙ୍ଗଳ କମିଟିର ସନ୍ତୋଷ କୁମାର ଜେନାଙ୍କ ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଛି।

ପ୍ରକାଶ ଯେ, ସ୍ୱାମୀ ପରିତ୍ୟକ୍ତା କୁମାରୀ ବିଷୋୟୀ ଦୁଇ ଝିଅ ଖୁସି (୧୦), ରଶ୍ମି (୪) ଓ ପୁଅ ବାବୁଲା (୬)ଙ୍କ ସହ ପ୍ରତାପ ସାଗର ବସ୍ତିରେ ରହୁଥିଲେ। କୁମାରୀ ଗର୍ଭବତୀ ମଧ୍ୟ ଥିଲେ। ଅନ୍ୟମାନଙ୍କ ଘରେ କୁଲି କାମ କରି ସେ ଘର ଚଳାଉଥିଲେ। କୁମାରୀଙ୍କ ହିମୋଗ୍ଲୋବିନ କମ୍ ଥିବାରୁ ତାଙ୍କୁ ନବରଙ୍ଗପୁରରୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଏକ ମୃତ ଶିଶୁକୁ ଜନ୍ମ ଦେଇଥିଲେ। ଏକ ମାସ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଅର୍ଥାଭାବ ଯୋଗୁ ସେ ବ୍ରହ୍ମପୁର ନ ଯାଇ ୨୧ରେ ଘରକୁ ଫେରି ଆସିଥିଲେ। ଉକ୍ତ ଦିନ ସନ୍ଧ୍ୟାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୂର୍ବତନ କାଉନ୍‌ସିଲର ସୁଧୀର ମହାପାତ୍ର, ବୁଲୁ ମହାପାତ୍ର ସେଠାରେ ପହଞ୍ଚି ଥିଲେ। ଏହାପରେ କୁମାରୀଙ୍କ ଭାଇଙ୍କୁ ଖବର ଦିଆଯାଇଥିଲେ ମଧ୍ୟ ସେ ମାନସିକ ଅନଗ୍ରସର ହେତୁ ସେଠାରେ ପହଞ୍ଚି ନ ଥିଲେ। ଉପଜିଲାପାଳ ଭାସ୍କର ରଇତ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ସତ୍କାର ବ୍ୟବସ୍ଥା କରାଇଥିଲେ। ପିଲାମାନଙ୍କୁ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଯୋଗାଣ ନିରୀକ୍ଷକ ରାଜେଶ ଶବର ପଡିକାର୍ଡ଼, ଭତ୍ତା ପ୍ରଦାନ ସହ ସରକାରୀ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

କୋରାପୁଟ,୧।୬(ସ୍ୱ.ପ୍ର)

କୋରାପୁଟ ସଦରଥାନା ମହାଦେଇପୁଟ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ତାଙ୍କ ନାମ ସଦାଶିବ ପାରସେଲି। ତାଙ୍କ ଘର ମହାଦେଇପୁଟ ଗ୍ରାମରେ। ସଦାଶିବ ବାଇକ୍‌ରେ କୋରାପୁଟ ଆସୁଥିବାବେଳେ ମଣ୍ଡାଗୁଡା ଗ୍ରାମ ନିକଟରେ କୌଣସି ଏକ ଏଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ରାସ୍ତାରେ ପଡିରହି ତାଙ୍କର ମୃତ୍ୟୁ ହୋଇଥିଲା । ସ୍ଥାନୀୟ ଲୋକେ ବାଇକ ସହ ମୃତଦେହ ଦେଖି ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ମୃତକଙ୍କ ପରିବାର ଓ ସମ୍ପର୍କୀୟଙ୍କ ପକ୍ଷରୁ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକ ପରିବାରକୁ ଜିଲା ପ୍ରଶାସନ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ଜଣାଯାଇଛି।

# ବଣ୍ଡାଘାଟିରେ ସଚେତନତା

ମାଲକାନଗିରି,୧।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟିରେ ରହୁଥିବା ବଣ୍ଡା ଆଦିମ ଜନଜାତିଙ୍କୁ କରୋନା ମହାମାରୀରୁ ସୁରକ୍ଷିତ ରଖିବା ଲାଗି ମଙ୍ଗଳବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତନ, ଫାଉଣ୍ଡେଶନ ଅପ୍ ଇକୋନଲୋଜିକାଲ ସୋସାଇଟି ପକ୍ଷରୁ କିଟ୍‌ପଡ଼ା, ମୁଦୁଲିପଡ଼ା , ରାମେଲିଗୁଡ଼ା, ଚାଲାନପଡ଼ା, ବରଗୁଡ଼ା, ପାଣ୍ଡିଆ ଜଙ୍ଗଲ, ମାସାଗୁଡ଼ା, ବାଲଗୁଡ଼ା, ସିଲିଗୁଡ଼ା, କାଡାଗୁଡ଼ା, ତୁଲମଗୁଡ଼ା ଆଦି ଗ୍ରାମରେ ଲୋକଙ୍କୁ ସଚେତନ କରାଯାଇ ମାସ୍କ , ସାବୁନ ଏବଂ ଶୁଖିଲା ଶିଶୁ ଖାଦ୍ୟ ବିତରଣ କରାଯାଇଥିଲା । ଏଥିରେ ଚିତ୍ରକୋଣ୍ଡାର ପୂର୍ବତନ ସରପଞ୍ଚ ଜ୍ୟୋତ୍ସାରାଣୀ ମାଝି, ସାମାଜିକ କର୍ମୀ ସାବିତ୍ରୀ ଚାଲାଣ, ଶଙ୍କର ମୁଦୁଲି, ସନ୍ତୋଷ କୁମାର ଶୁକ୍ଳା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।


ବଣ୍ଡା ଘାଟିରେ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି ।

# ମାନିଲେ ଲାଞ୍ଜିଆ ସୌରା, ନେଲେ କୋଭିଡ୍ ଟିକା

ଗୁଣପୁର,୧।୬(ଡି.ଏନ୍.ଏ.)

ବହୁ ବୁଝାଶୁଝା ପରେ ଆଦିମ ଅଦିବାସୀ ଅଞ୍ଚଳରେ ବସବାସ କରୁଥିବା ଲାଞ୍ଜିଆ ସୌରା ସମ୍ପ୍ରଦାୟର ଲୋକେ ଟିକାକରଣ ପାଇଁ ରାଜି ହୋଇଛନ୍ତି। ମଙ୍ଗଳବାର ରାୟଗଡା ଜିଲା ଗୁଣପୁର ବ୍ଲକ ଶଗଡା ପଞ୍ଚାୟତର କରଞ୍ଜାସିଂ,ତାରବେଲ ଏବଂ ଅଞ୍ଜାରସିଂ ଗ୍ରାମରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କୁ କରୋନା ଟିକା ପ୍ରଦାନ କରାଯାଇଛି। ପୁଟାସିଂର ଡାକ୍ତରଖାନା ମେଡିକାଲ ଅଫିସର ଡ.ସୌମ୍ୟ ରଞ୍ଜନ ପତି, ମହିଳା ସ୍ୱାସ୍ଥ୍ୟକର୍ମୀ ଛାୟବତୀ ଶତପଥୀ, ଜାନକି ଗମାଙ୍ଗ, ପୁରୁଷ ସ୍ୱାସ୍ଥ୍ୟକର୍ମୀ ମନୋଜ ଗୌଡ, ସୁପରଭାଇଜର ମାଝି ଶବର, ବିଭଛ ଶବର, ସାମାଜିକ କର୍ମୀ ନାରାୟଣ ପାଣିଗ୍ରାହୀ, ବାଳକୃଷ୍ଣ ବିଷୋୟୀ, ସଞ୍ଜୁ ଶବର, ଶଗଡା ସରପଞ୍ଚ ଜିତେନ୍ଦ୍ର ଶବର, ଅଙ୍ଗନୱାଡି, ଆଶା କର୍ମୀ ଟିକାକରଣ ପାଇଁ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଲୋକମାନେ ଟିକାନେବାକୁ ରାଜି ହୋଇଥିଲେ।


ଜଣେ ପୁରୁଷଙ୍କୁ ଟିକା ଦିଆଯାଉଛି।

# ଜମି ଜାଲିଆତି: ପୁଅ ନାଁରେ ଥିବା ଜମିକୁ ବିକିଦେଲେ ବାପା

ଦଶମନ୍ତପୁର,୧।୬(ଡି.ଏନ୍.ଏ.)

- ନିଜକୁ ବୁଦ୍ଧୁ ବିଶୋୟୀ ବୋଲି ପରିଚୟ ଦେଇଥିଲେ
- ତହସିଲଦାର, ଜିଲାପାଳ କେହି ଶୁଣୁନାହାନ୍ତି
- ପରିବାର ଚଳାଇବା ଚିନ୍ତାରେ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲ୍ଲା ସଦର ପଞ୍ଚାୟତର ବିଶୋୟୀସାହିର ଜଣେ ବ୍ୟକ୍ତି ପୁଅ ନାଁରେ ଥିବା ଜମିକୁ ନିଜେ ପୁଅ ବୋଲି ପରିଚୟ ଦେଇ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଏହି ସାହିର ବୁଦ୍ଧୁ ବିଶୋୟୀଙ୍କ ନାମରେ ଖାତା ନଂ. ୧୩୬/୨୧୫, ପ୍ଲଟ୍ ନଂ. ୧୩୦୮/୧୮୭ ଅନୁଯାୟୀ ୨ ଏକର ୨୫ ସେଣ୍ଟ ଜମି ପଞ୍ଜୀକରଣ ହୋଇଥିବା ଜଣାପଡ଼ିଛି।

ଖବରରୁ ଜଣାପଡ଼ିଛି ପରମାନନ୍ଦ ବିଶୋୟୀଙ୍କ ପୁଅ ବୁଦ୍ଧୁ ୨୦୦୧ରେ ପରିବାର ଧରି କଳାହାଣ୍ଡି ଜିଲାକୁ କାର୍ଯ୍ୟ ଅନ୍ୱେଷଣରେ ଚାଲିଯାଇଥିଲେ। ନିକଟସ୍ଥ ଯୁବରାଜପୁର ପଞ୍ଚାୟତର କୋକେଲପଦର ଗ୍ରାମରେ ଚାଲିଥିବା ଇନ୍ଦ୍ରାବତୀ ପ୍ରୋଜେକ୍ଟରେ ଜଣେ ଠିକାଦାରଙ୍କ ପାଖରେ ରହି କାର୍ଯ୍ୟ କରୁଥିଲେ। ଏହି କାର୍ଯ୍ୟ ଶେଷ ପରେ ଦିନ ମଜୁରିଆ ଭାବେ ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ପରିବାର ଚଳାଉଥିଲେ। ତାଙ୍କ ସ୍ତ୍ରୀ ସଙ୍ଗୀତା ବିଶୋୟୀ ଏବଂ ଦୁଇ ଝିଅ ଅଛନ୍ତି। ୨୦୦୮ରେ ବୁଦ୍ଧୁ ପରିବାର ଧରି ଗାଁକୁ ଆସିଥିଲେ। ଏହି ସମୟରେ ବାପା ପରମାନନ୍ଦ ତୋ ନାଁରେ ଥିବା ଜମିଟିକୁ ମୋର ଜରୁରୀ ପଡ଼ିବାରୁ ତୋ ସାନଦାଦା ତ୍ରିନାଥ ବିଶୋୟୀଙ୍କ ପାଖରେ ୧୭ ହଜାର ଟଙ୍କାରେ ବନ୍ଧକ ରଖିଛି, ଟଙ୍କା ହେଲେ ମୁକୁଳାଇ ଆଣିବି ବୋଲି କହିଥିଲେ। ବାପାଙ୍କ କଥା ଶୁଣି ସେ ନୀରବ ରହିଥିଲେ। ଗାଁରେ କୌଣସି କାମ ନ ମିଳିବାରୁ ଜମିଚାଷ କରି ପରିବାର ଚଳାଇବାକୁ ଚିନ୍ତାକରି ସେ ଦାଦାଙ୍କ ପାଖକୁ ଯାଇଥିଲେ। ବୁଦ୍ଧୁଙ୍କ କଥା ଶୁଣି ତୋ ନାଁରେ ଥିବା ଜମି ଆଉ ତୋ ନାଁରେ ନାହିଁ ମୁଁ କିଣିଦେଲି ବୋଲି ଦାଦା ତ୍ରିନାଥ କହିଥିଲେ। ପରେ ବୁଦ୍ଧୁ ରେଜିଷ୍ଟ୍ରେଶନ ଡକ୍ୟୁମେଣ୍ଟ ଯାଞ୍ଚ କରିବାରୁ ବାପା ହିଁ ନିଜକୁ ବୁଦ୍ଧୁ ବିଶୋୟୀ ବୋଲି ପ୍ରମାଣପତ୍ର ଦେଖାଇ କୋରାପୁଟ ରେଜିଷ୍ଟ୍ରେଶନ କାର୍ଯ୍ୟାଳୟରେ ରେଜିଷ୍ଟ୍ରି କରିଥିବା ଜଣାପଡ଼ିଥିଲା। ପରେ ବୁଦ୍ଧୁ ଏ ନେଇ ତହସିଲଦାରଙ୍କଠାରୁ ଆରମ୍ଭକରି ଜିଲାପାଳଙ୍କ କାର୍ଯ୍ୟାଳୟରେ ବାରମ୍ବାର ଲିଖିତ ଓ ମୌଖିକ ଅଭିଯୋଗକରି ଆସୁଥିଲେ ହେଁ ତାଙ୍କୁ ନ୍ୟାୟ ମିଳିନାହିଁ। ଏ ସମ୍ପର୍କରେ ତହସିଲଦାର ଅଜୟ ପ୍ରକାଶ ତିର୍କିଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ବିଷୟ ମୋ ନଜରକୁ ଆସିନି। ତେବେ ଆରଆଇଙ୍କଠାରୁ ବୁଝି ଏ ଦିଗରେ ପଦକ୍ଷେପ ନେବି।


ବୁଦ୍ଧୁ ଜମିପଞ୍ଜୀକରଣ ପ୍ରମାଣପତ୍ର ଦେଖାଉଛନ୍ତ ।

